# ତହସିଲଦାର ଙ୍କ କାର୍ଯ୍ୟାଳୟ, ଗୁଡାରି, ଜିଲ୍ଲା: ରାୟଗଡା

Email: tah.gud-od@nic.in

## ଲଘୁ ଖଣିଜ ଉତ୍ସ ର ଦୀର୍ଘ ମିଆଦି ଲିଜ ନିମନ୍ତେ ନିଲାମ ବିଜ୍ଞାପନ

ବିଜ୍ଞପ୍ତି ସଂଖ୍ୟା : ୧୫୩୫ ତାରିଖ: ୦୨/୦୯/୨୦୨୦

ଏତଦ ଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ, ଓଡିଶା ସରକାର ଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଗୁଡାରି ତହସିଲ ଅନ୍ତର୍ଗତ (Annexure – I) ଉଲ୍ଲେଖ ଥିବା ସଏରାତ ଉତ୍ସ ( ଲଘୁ ଖଣିଜ ଦ୍ରବ୍ୟ ) ଗୁଡିକୁ ପାଞ୍ଚ ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରା ଯାଉଅଛି । ଇଚ୍ଛୁକ ବ୍ୟକ୍ତି / ଅନୁଷ୍ଠାନ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ ୨୦୧୬ ପ୍ରକାର ରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ପୂରଣ କରି, ଏହାର ୩ କିତା ନକଲ ସହ ଆବଶ୍ୟକ ଦସ୍ତାବିଜ ସଂଲଗ୍ନ କରି ଜଉ ମୁଦ ଲଫାଫା (Sealed Cover) ରେ ତହସିଲଦାର, ଗୁଡାରି ଙ୍କ କାର୍ଯ୍ୟାଳୟ କୁ ରେଜିଷ୍ଟ୍ରି ଡାକ ଯୋଗେ ନିର୍ଦ୍ଧାରିତ ନିଲାମ ତାରିଖ ର ପୂର୍ବ ଦିନ ଅପରାହ୍ନ ୫.୦୦ ଘଣ୍ଟିକା ସୁଦ୍ଧା ହସ୍ତଗତ ହେବା ଦରକାର । ପ୍ରତ୍ୟେକ ନିଲାମ ତାରିଖ ର ପୂର୍ବ ଦିନ ଅପରାହ୍ନ ୫.୦୦ ଘଣ୍ଟିକା ସୁଦ୍ଧା ହସ୍ତଗତ ହୋଇଥିବା ଦରଖାସ୍ତ ଗୁଡିକୁ ପରବର୍ତ୍ତୀ ନିର୍ଦ୍ଧାରିତ ନିଲାମ ତାରିଖ ରେ ବିଚାର କୁ ନିଆଯିବ, ଉକ୍ତ ସମୟ ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାର କୁ ନିଆ ଯିବ ନାହି । ଲଫାଫା ଉପରେ ସୈରାତ ଉତ୍ସ ର ନାମ ଲେଖା ଥିବା ଆବଶ୍ୟକ । ପ୍ରଥମ ଦଫା ତା: ୨୨/୦୯/୨୦୨୦ ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟ ରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ପ୍ରତିନିଧି ଙ୍କ ଉପସ୍ଥିତି ରେ ପ୍ରଥମ ଦଫା ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ତହସିଲଦାର ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ରେ ତନଖି କରାଯାଇ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ । ଉପୋରକ୍ତ ପ୍ରଥମ ନିର୍ଦ୍ଧାରିତ ତାରିଖ ରେ ଯେଉଁ ସଏରାତ ଉତ୍ସ ଗୁଡିକ ବୈଧ ଦରଖାସ୍ତ ଅଭାବ ରୁ ସ୍ଥିରୀକୃତ ହୋଇ ନପାରିବ, ପୁନଶ୍ଚ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଯଥା ଦ୍ୱିତୀୟ ପର୍ଯ୍ୟାୟ ତା: ୦୬/୧୦/୨୦୨୦ ରିଖ ଓ ତୃତୀୟ ପର୍ଯ୍ୟାୟ ତା: ୧୬/୧୦/୨୦୨୦ ରିଖ ପୂର୍ବାହ୍ନ ୧୧.୩୦ ଘଟିକା ରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ । ଏହି ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ ତହସିଲ କାର୍ଯ୍ୟାଳୟ, ଗୁଡାରି ରେ ସମସ୍ତ କାର୍ଯ୍ୟ ଦିବସ ମାନଙ୍କ ରେ ଏବଂ ରାୟଗଡା ଜିଲ୍ଲା website : https\\www.rayagada.nic.in ରେ ଉପଲବ୍ଧ ଅଟେ । ଏହା ବ୍ୟତୀତ ଏଥି ସମ୍ବନ୍ଧୀୟ ସମସ୍ତ ବିବରଣୀ ଓ ନିୟମାବଳୀ, ତହସିଲ କାର୍ଯ୍ୟାଳୟ ର ବିଜ୍ଞାପନ ଫଳକ ଏବଂ ତହସିଲ କାର୍ଯ୍ୟାଳୟ ରେ ଯେ କୌଣସି କାର୍ଯ୍ୟ ଦିବସ ରେ ଉପଲବ୍ଧ ଅଟେ । ପ୍ରକାଶ ଥାଉ କି, କୌଣସି କାରଣ ନ ଦର୍ଶାଇ ନିଲାମ କୁ ସ୍ଥଗିତ / ରଦ୍ଦ କରିବା ର କ୍ଷମତା , କ୍ଷମତା ପ୍ରାପ୍ତ ଅଧିକାରୀ ତଥା ଜିଲ୍ଲାପାଳ, ରାୟଗଡା ମହୋଦୟ ଙ୍କ ରହି ଅଛି । ଆବେଦନକାରୀ, OMMC Rules 2016 ତଥା ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ର ସମସ୍ତ ସଂଶୋଧିତ ନିୟମାବଳୀ ର ଏବଂ Manual of Tahasil Accounts ର ପରିସର ଭୁକ୍ତ ରହିବେ । ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ର ରହିଛି ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ :-**

୧. ଦରଖାସ୍ତ ପାଉଣା ବାବଦ କୁ ଟ.୧୦୦୦.୦୦ ଙ୍କା (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ ସଂଲଗ୍ନ କରିବେ ।
( Head of Account : 0853-Non-ferrous Mining and Metallurgical Industries-102-Mining concession fees, Rents and Royalties)
୨. ଆବେଦନକାରୀ କୌଣସି ଖଣିଜ ଦେୟ ବକେୟା ନଥିବା ସମ୍ପର୍କ ରେ ଏକ ସତ୍ୟପାଠ ଦାଖଲ କରିବେ ।
୩. ଆବେଦନକାରୀ ରୟାଲଟି ଏବଂ ଅତିରିକ୍ତ ଦେୟ (Additional charges) ବାବଦ କୁ ବାର୍ଷିକ ଶତକଡା ୫ % (ପାଞ୍ଚ ପ୍ରତିଶତ) ହାର ରେ ସ୍ଥିରିକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ର ପରିମାଣ ଉପରେ ଦେୟ ଅମାନତ ରାଶି (Earnest Money) Demand Draft ଆକାର ରେ ପଇଠ କରିବେ ।
୪. ଆବେଦନକାରୀ ଏକ ବର୍ଷ ନିମନ୍ତେ ନିର୍ଦ୍ଧାରିତ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣ (Minimum Guaranteed Quantity) ର ଲଘୁ ଖଣିଜ ଦ୍ରବ୍ଯ ପାଇଁ ଦେବାକୁ ଥିବା ରୟାଲଟି ଓ ଦର୍ଶାଇ ଥିବା ଅତିରିକ୍ତ ଦେୟ ରାଶି ର ସର୍ବନିମ୍ନ ଅଠର ମାସ ନିମନ୍ତେ ଏକ ବ୍ୟାଙ୍କ ପ୍ରତ୍ୟାଭୂତ (Bank Guarantee) ଦାଖଲ କରିବା ହେବେ ।
୫. ଆବେଦନକାରୀ ନିଜର ଭୋଟ ପରିଚୟ ପତ୍ର / ଆଧାର କାର୍ଡ / ପାନ କାର୍ଡ ସଂଲଗ୍ନ କରିବେ ।
୬. ଆବେଦନ କରୁଥିବା ସଏରାତ ଉତ୍ସ ର ନକ୍ସା ସଂଲଗ୍ନ କରିବେ ।

**ବିଶେଷ ସର୍ତ୍ତାବଳୀ :-**

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ ୨୦୧୬ OMMC Rules-2016, ଏବଂ Manual Of Tahasil Accounts ର ପରିସରଭୁକ୍ତ ରହିବେ ।

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ରୟାଲଟି ର ଉଲ୍ଲେଖ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ (ଯାହାକି ପ୍ରଚଳିତ ରୟାଲଟି ର ୫ %) ଅଥବା ଜିଲ୍ଲାପାଳ, ରାୟଗଡା ଙ୍କ ଦ୍ଵାରା ଅନୁମୋଦିତ ପରିମାଣ ରୁ ଅଧିକ ହୋଇଥିବ । ଉଲ୍ଲେଖ କରିଥିବା ନିଲାମଧାରୀ ଙ୍କ ଦରଖାସ୍ତ କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କରିଥାନ୍ତି, ତାହା ହେଲେ ଲଟେରୀ ମାଧ୍ୟମ ରେ ଲିଜଧାରୀ ଚୟନ କରାଯିବ ।

୩. ମାଇନିଙ୍ଗ ପ୍ଲାନ ରେ ଦର୍ଶା ଯାଇଥିବା ଉତ୍ତୋଳନ ନିମନ୍ତେ ଉଦ୍ଦିଷ୍ଟ ଦ୍ରବ୍ୟ ର ପରିମାଣ ତଥା ଲିଜଧାରୀ ଙ୍କ ଦ୍ଵାରା ଉଲ୍ଲେଖ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଏବଂ ପ୍ରଚଳିତ ରୟାଲଟି କୁ ଗୁଣନ କରି ସମ୍ପୃକ୍ତ ଅର୍ଥ କୁ Environment Clearance ଆଣି ସାରିଲା ପରେ ପଇଠ କରିବେ । ସମ୍ପୃକ୍ତ ରାଶି ପଇଠ ହେଲା ପରେ ରେଜିଷ୍ଟ୍ରେସନ ଆକ୍ଟ-୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ସମ୍ପୃକ୍ତ ସୈରାତ ଉତ୍ସ ର ଚୁକ୍ତି ପତ୍ର Form-N (Lease Deed) ତିନି ସପ୍ତାହ ମଧ୍ଯ ରେ ସମ୍ପାଦନ କରିବେ ନଚେତ ଜାରି କରା ଯାଇଥିବା ହୁକୁମନାମା ରଦ୍ଦ କରାଯିବା ସହ ସମ୍ପୃକ୍ତ ସୁରକ୍ଷା ପାଣ୍ଠି (Security Deposit) ବାଜ୍ୟାପ୍ତି କାରାଯାଇ ସରକାର ଙ୍କ ପାଣ୍ଠି ରେ ଜମା କରାଯିବ ।

୪. ଯଦି ସର୍ବୋଚ୍ଚ ଅତିରିକ୍ତ ଦାବି (Additional Charges) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟ ସୀମା ମଧ୍ଯ ରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି, ତାହେଲେ ଦ୍ଵିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀ ମାନଙ୍କୁ କ୍ରମାନ୍ଵୟ ରେ ସୁଯୋଗ ଦିଆଯିବ ।

୫. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ଦାବି (Additional Charges) ମୂଲ୍ୟ ଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି, ତେବେ ଦରଖାସ୍ତ ବିଚାର କୁ ନିଆଯିବ ନାହି ।

୬. ନିଲାମଧାରୀ ମାନେ, OMMC Rules-2016.ରେ ଥିବା ୨୭ ର ୧ ରୁ ୧୭ ପର୍ଯ୍ୟନ୍ତ ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟ ହେବେ ।

୭. ଲିଜଧାରୀ ବାର୍ଷିକ Surface Rent, Dead Rent, ରୟାଲଟି, ଅତିରିକ୍ତ ଦାବି, ଜମା ରାୟଲଟି ର ୨% ଅର୍ଥ ଆୟକର ବାବଦ କୁ, ୧୦% ଅର୍ଥ ଜିଲ୍ଲା ମିନେରାଲ ପାଣ୍ଠି କୁ, ୫% ଅର୍ଥ ରାଜ୍ୟ ପରିବେଶ ପରିଚାଳନା ପାଣ୍ଠି କୁ ଏବଂ ୫% ଅର୍ଥ Compensatory Afforestation Fees ବାବଦ କୁ ଅର୍ଥ ଅଗ୍ରୀମ ଆକାର ରେ ଜମା କରିବେ ।

୮. ଦରଖାସ୍ତକାରୀ Mines Act-1952 ଏବଂ Explosive Act-1884 ର ସମସ୍ତ ନିୟମାବଳୀ ର ଅନ୍ତର୍ଭୁକ୍ତ ରହିବେ ।

୯. ଦରଖାସ୍ତକାରୀ ପ୍ରତି ବର୍ଷ କେତେ ପରିମାଣ ର ଲଘୁ ଖଣିଜ ପଦାର୍ଥ ର ଉତ୍ତୋଳନ କରିବେ ଓ ସର୍ବନିମ୍ନ ଅତିରିକ୍ତ ରୟାଲଟି ବିଷୟ ରେ ଦରଖାସ୍ତ ରେ ଉଲ୍ଲେଖ କରିବେ ।

୧୦. ପ୍ରତି ଲିଜଧାରୀ ନିଜ ଖର୍ଚ୍ଚ ରେ ମାଇନିଙ୍ଗ ପ୍ଲାନ ଏବଂ Environment Clearance ପ୍ରସ୍ତୁତ କରି ଦାଖଲ କରିବେ, ଯଦି ଲିଜ ପ୍ରଦାନକାରୀ (ତହସିଲଦାର) ସରକାରୀ ଦେୟ ରେ ଏ ସବୁ ପ୍ରସ୍ତୁତ କରିଥିବେ, ତେବେ ପରବର୍ତ୍ତୀ ସମୟ ରେ ଲିଜଧାରୀ ଙ୍କ ଠାରୁ ଉକ୍ତ ଖର୍ଚ୍ଚ, ଲିଜ ରାଜିନାମା ଦାଖଲ ସମୟ ରେ ଅସୁଲ କରାଯିବ ।

୧୧. ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲଘୁ ଖଣିଜ ପଦାର୍ଥ ର ବାର୍ଷିକ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣ ର (Annual Minimum Guaranteed Quantity) ମୋଟ ରୟାଲଟି / ଅତିରିକ୍ତ ରୟାଲଟି / Dist Mineral Fund / State Mineral Fund ବାବଦ ଦେୟ ର ମୋଟ ପରିମାଣ ର ୨୫% EMD ଦାଖଲ କରିବେ । ଏଥି ସହ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲିଜ ଚୁକ୍ତି ର ସମସ୍ତ ସର୍ତ୍ତାବଳୀ ର ଉପଯୁକ୍ତ ଅନୁପାଳନ ସକାଶେ ୧୦,୦୦୦.୦୦ ଟଙ୍କା ଅମାନତ ରୂପେ ଜମା କରିବେ । (ଦ୍ରଷ୍ଟବ୍ୟ ନିୟମ – ୪୨)

୧୨. ଲିଜ ଅବଧି ର ଶେଷ ପର୍ଯ୍ୟାୟ ପରେ ଯଦି ଲିଜଧାରୀ, ଲିଜ ସର୍ତ୍ତାବଳୀ ରେ କୌଣସି ଖିଲାପ କରି ନଥିବେ ତେବେ ଜମା ହୋଇଥିବା ଅମାନତ ଅର୍ଥ ରାଶି ଫେରସ୍ତ କରାଯିବ ଅନ୍ୟଥା ଉକ୍ତ ରାଶି ବାଜ୍ୟାପ୍ତି କରାଯିବ ।

୧୩. ଜିଲ୍ଲାପାଳ ବା ଜଙ୍ଗଲ ସଂରକ୍ଷଣ ଅଧିକାରୀ କୌଣସି କାରଣ ଦର୍ଶାଇ ଯେ କୌଣସି ସମୟ ରେ ଲିଜ କୁ ନାକଚ କରିପାରିବେ ।

୧୪. ଯଦି କୌଣସି ଦରଖାସ୍ତକାରୀ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥାନ୍ତି ଏବଂ ପରବର୍ତ୍ତୀ ସମୟ ରେ ମୃତ୍ୟୁ ବରଣ କରିଥାନ୍ତି, ସେହି ଅମାନତ ଅର୍ଥ ରାଶି ଏବଂ ଲିଜ ରାଜିନାମା ଲିଜଧାରୀ ଙ୍କ ଉତ୍ତରାଧିକାରୀ ଅଥବା ଆଇନଗତ ପ୍ରତିନିଧୀମାନେ ପୁନଶ୍ଚ ଲିଜ ରାଜିନାମା କରି ସମ୍ପୃକ୍ତ ଖଣି ଲିଜ ପରିଚାଳନା କରିପାରିବେ ।

୧୫. ଚୟନ ହୋଇଥିବା ସମସ୍ତ ଲିଜଧାରୀ ଓଡିଶା ଲଘୁ ଖଣିଜ ରିହାତି ନିୟମ ୨୦୧୬ ଧାରା ୨୭, ୨୮, ୨୯, ୩୦, ୩୧, ୩୨ ଏବଂ ୩୩ ର ସମସ୍ତ ଉପଧାରା ସର୍ତ୍ତାବଳୀ କୁ ମାନିବା ପାଇଁ ବାଧ୍ୟ ।

୧୬. ସରକାରଙ୍କ ପ୍ରଚଳିତ ଆଦେଶନାମା ଅନୁଯାୟୀ ରୟାଲଟି ମୂଲ୍ୟ ବୃଦ୍ଧି କୁ ନେଇ ଲିଜଧାରୀ ମାନେ ବର୍ଦ୍ଧିତ ଧାରା ରେ ରୟାଲଟି ପଇଠ କରିବା ପାଇଁ ବାଧ୍ୟ ।

## ସୈରାତ ଉତ୍ସ ଗୁଡିକ ର ବିବରଣୀ

| କ୍ରମିକ ସଂଖ୍ୟା | ମୌଜା ର ନାମ | ଲଘୁ ଖଣିଜଜାତ ଉତ୍ସ ର ନାମ | ଖାତା | ଖସଡା | ରକବା | କିସମ | ଲଘୁ ଖଣିଜ ର ନାମ | ଲଘୁ ଖଣିଜ ପଦାର୍ଥ ର ସର୍ବନିମ୍ନ ଧାର୍ଯ୍ୟ ରାଜସ୍ୱ (per cum) ଟଙ୍କା ରେ | ଅତିରିକ୍ତ ଦେୟ (per cum) ଟଙ୍କା ରେ | ଆନୁମାନିକ ବାର୍ଷିକ ଧାର୍ଯ୍ୟ ଲଘୁ ଖଣିଜ ପରିମାଣ (cum ରେ) | ଦାଖଲ କରିବାକୁ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ର ପରିମାଣ (ଟଙ୍କା ରେ) | ଅଗ୍ରୀମ ଦାଖଲ କରିବାକୁ ଥିବା ଅମାନତ ରାଶି ର ପରିମାଣ (ଟଙ୍କା ରେ) |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ଖଇରାଗୁଡା | ଖଇରାଗୁଡା ବାଲୁକା ଶଯ୍ୟା | ୪୨ | ୧୮୭ | ୧୨.୦୦ | ନଦୀ | ବାଲି | ୩୫.୦୦ | ୧୦.୦୦ | ୫୦୦୦ | ୨୨୫୦୦୦.୦୦ | ୧୧୨୫୦.୦୦ |
| ୨ | ସିଲିମି | ସିଲିମି ମୋରୁମ କୁଆରି | ୨୦ | ୦୧ | ୮.୦୦ | ଲଣ୍ଡା ପାହାଡ | ମୋରୁମ | ୩୫.୦୦ | ୧୦.୦୦ | ୨୦୦୦ | ୯୦,୦୦୦.୦୦ | ୪୫୦୦.୦୦ |

ସ୍ୱା- ତହସିଲଦାର, ଗୁଡାରି
ଜିଲ୍ଲା – ରାୟଗଡା

ସ୍ମାରକ ପତ୍ର ସଂଖ୍ୟା : ୧୫୩୬ ତା: ୦୨/୦୯/୨୦୨୦

ଏହି ବିଜ୍ଞାପନ ର ଏକକିତା ନକଲ ଜିଲ୍ଲାପାଳ, ରାୟଗଡା / ଉପ ଜିଲ୍ଲାପାଳ, ଗୁଣୁପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଗୁଡାରି

ସ୍ମାରକ ପତ୍ର ସଂଖ୍ୟା : ୧୫୩୭ ତା: ୦୨/୦୯/୨୦୨୦

ଏହି ବିଜ୍ଞାପନ ର ଏକକିତା ନକଲ ସମ୍ପୃକ୍ତ D.I.O., NIC, ରାୟଗଡା ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ଏବଂ ଏହି ବିଜ୍ଞାପନ ଟି କୁ www.rayagada.nic.in ରେ ଉପଲବ୍ଧ କରିବା ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ଗୁଡାରି

ସ୍ମାରକ ପତ୍ର ସଂଖ୍ୟା : ୧୫୩୮ ତା: ୦୨/୦୯/୨୦୨୦

ଏହି ବିଜ୍ଞାପନ ର ଏକକିତା ନକଲ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ / ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ / ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୁଡାରି / ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୁଡାରି / ତହସିଲ କାର୍ଯ୍ୟାଳୟ, ଗୁଡାରି ବିଜ୍ଞାପନ ଫଳକ ରେ ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଗୁଡାରି